

ପୁରୁଣାକଟକ ଥାନା ଅଧିକାରୀ ରଂଜିତ ମୁନିଙ୍କ ସହ ସ୍ଥାନୀୟ ସାମ୍ବାଦିକମାନେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରୁଛନ୍ତି




ସୋନପୁର-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲିସ୍ଥିତ ରନ୍ଧନ ଗ୍ୟାସ୍ ଗୋଦାମକୁ ମଙ୍ଗଳବାର ଜିଲ୍ଲା ପ୍ରଶାସନ ସିଲ୍ କରିଛି



କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ଅଧୀନ ଲାଖ ପର୍ବତଠାରୁ ବଡ଼ ଝାରମୁଣ୍ଡା ପର୍ଯ୍ୟନ୍ତ ମେସିନରେ କେନାଲ କାମ ହୋଇଛି

# ସବୁ ସୁବିଧା ସୁଯୋଗରୁ ବଞ୍ଚିତ ଟିକରପଡ଼ା ପଞ୍ଚାୟତ

ବୌଦ୍ଧ,୧୯ ।୫(ସମିସ)



ବୌଦ୍ଧ ବ୍ଲକ୍‌ର ଆଦିବାସୀ ପ୍ରବଣ ଟିକରପଡ଼ା ପଞ୍ଚାୟତରରେ ଆଜି ମଧ୍ୟ ସରକାରୀ ଯୋଜନା ଅପହଞ୍ଚ। କେବଳ ଟିକରପଡ଼ା ନୁହେଁ ବ୍ଲକର ଏଭଳି ଅନେକ ପଞ୍ଚାୟତ ରହିଛି ଯେଉଁଠି ଆଜି ପର୍ଯ୍ୟନ୍ତ ରାସ୍ତାଘାଟ ଅଭାବରୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ଯୋଜନା ପହଞ୍ଚି ପାରୁନାହିଁ। ତେବେ ବ୍ଲକର ସୀମାନ୍ତରେ ଥିବା ଟିକରପଡା ପଞ୍ଚାୟତର ଗୋଟିଏ ପାଶ୍ୱର୍ କନ୍ଧମାଳ ଜିଲ୍ଲାର ଘଞ୍ଚ ଜଙ୍ଗଲ ଅଞ୍ଚଳକୁ ଲାଗି ରହିଛି। ଏହି ପଞ୍ଚାୟତର ଅନେକ ଅଞ୍ଚଳ ବର୍ଷା ଋତୁ ଆରମ୍ଭ ହେଲେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡେ। ଏହି ପଞ୍ଚାୟତର ଗରିବ ବିଦ୍ୟାର୍ଥୀଙ୍କ ପାଇଁ ନିର୍ମିତ ଆଦିବାସୀ ହଷ୍ଟେଲ ବର୍ତ୍ତମାନ ଭୂତକୋଠି ପାଲଟି ଯାଇଛି। ଏକ ଭଙ୍ଗା ଦଦରା ଗୃହରେ ସ୍ୱାସ୍ଥ୍ୟ ସେବା ଚାଲିଛି। ପଞ୍ଚାୟତର ଅଧିକାଂଶ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ରହିଛି। ଗମ୍ଭୀରାଦରହରେ ପ୍ରସ୍ତାବିତ ବୃହତ ସେଚ ପ୍ରକଳ୍ପର ଭାଗ୍ୟ ଅଦ୍ୟାବଧି ଅନିଶ୍ଚିତତା ମଧ୍ୟରେ ରହିଛି। ଏହାଫଳରେ ଏହି ପଞ୍ଚାୟତର ଅଧିକାଂଶ ଅଞ୍ଚଳରେ ଲୋକେ ଚାଷ କାର୍ଯ୍ୟ ପାଇଁ ବର୍ଷା ଉପରେ ନିର୍ଭର କରନ୍ତି। ବର୍ଷା ଅଭାବରୁ ପ୍ରାୟ ବର୍ଷ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥାଏ। ଆଜି ମଧ୍ୟ ଟିକରପଡା ପଞ୍ଚାୟତର ଭୁର୍କିପଡା, କଡାମୁଣ୍ଡା, କଟମସିଂ, ଦମଣ୍ଡା, ଲକଡ଼ପାଜୁ ଭଳି ଅନେକ ଗ୍ରାମକୁ ରାସ୍ତା ନାହିଁ। ଏଣୁ ଏସବୁ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚି ପାରେନି। ରୋଗୀଙ୍କୁ ଦୋଳା ସାହାଯ୍ୟରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡେ। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ଦୀର୍ଘ ବର୍ଷ ହେଲା ଅଭିଯୋଗ କରି ଆସୁଛନ୍ତି; ହେଲେ କିଛି ଲାଭ ହୋଇନି। ଜିଲ୍ଲାପାଳ ଲେକଡପାଜୁ ଭଳି ଦୁର୍ଗମ ଅଞ୍ଚଳକୁ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାହା ସମ୍ଭବ ହୋଇ ନାହିଁ।

## ବୌଦ୍ଧ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ସ୍ମାରକପତ୍ର

ବୌଦ୍ଧ,୧୯ ।୫(ସମିସ): ବୌଦ୍ଧ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଆଦିମ ଅଧିବାସୀ ଏକତା ମଞ୍ଚ ଏକ ସ୍ମାରକ ପତ୍ର ପ୍ରଦାନ କରିଛି। ରବି ଋତୁ ପାଇଁ ହେକ୍ଟର ପିଛା ୨୪୦୦ ଟଙ୍କାର ନିବେଶ ଖର୍ଚ୍ଚ ଯୋଗାଣ ସହ ଅକ୍ଟୋବର ୧୫ ତାରିଖ ସୁଦ୍ଧା ଡାଲି ମୁଗ, ବିରି ଆଦି ବିହନ ଯୋଗାଣ ସୁନିଶ୍ଚିତ କରାଇବା ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ସ୍ମାରକ ପତ୍ର ଗ୍ରହଣ କରି ଆଦିମ ଅଧିବାସୀ ଏକତା ମଞ୍ଚର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ସ୍ମାରକ ପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ଅକ୍ଷୟ ଗାଇଗୋଉରିଆ, ଅଗ୍ରଣୀ ଚାଷୀ ଧରଣୀ ଧର ଲଉରିଆ, ରମାକାନ୍ତ ମଲ୍ଲିକ, ସୁଧାଂଶୁ ମହାକୁଲ, ସୁଧୀର ଚାଉଳିଆ, ବ୍ଲକ ସଂଯୋଜକ ରାଜେଶ ମଲ୍ଲିକ, ଜିଲ୍ଲା ସଂଯୋଜକ ଦ୍ୱାଦଶ ଜାନି, ସଂଗ୍ରାମୀ ସାଥି ନିରଞ୍ଜନ ଲୌରିଆ, ନିରଞ୍ଜନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ଜିଲ୍ଲାର ସମସ୍ତ ଥାନାରେ ମର୍ଣ୍ଣିଙ୍ଗ ବ୍ରିଫିଂ



ବୌଦ୍ଧ,୧୯ ।୫(ସମିସ): ବୌଦ୍ଧ ଜିଲ୍ଲାର ସମସ୍ତ ଥାନା ଓ ଫାଣ୍ଡିରେ ମର୍ଣ୍ଣିଙ୍ଗ ବ୍ରିଫିଂ ହୋଇଛି। ସମ୍ପୃକ୍ତ ଥାନାଗୁଡିକର ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ବ୍ରିଫିଂ ପରେଡରେ ଅଂଶ ଗ୍ରହଣ କରିଥିଲେ। କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶାବଳୀ ଏବଂ ପ୍ରଭାବଶାଳୀ ପୁଲିସିଂ ପ୍ରାଥମିକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ବୌଦ୍ଧରେ ଆର୍ଟ ଅଫ ଗିଭିଂ ଦିବସ




ବୌଦ୍ଧ,୧୯ ।୫(ସମିସ): ବୌଦ୍ଧ ସରକାରୀ ଏଏନଏମ୍ ଟ୍ରେନିଂ ସେଣ୍ଟରରେ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଛି। ବୌଦ୍ଧ ମୁନିସିପାଲିଟି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଟ୍ରେନିଂ ସେଣ୍ଟର ଶିକ୍ଷକ ସୁରଭି ମାଝୀ, ଆଦିବାସୀ କଲ୍ୟାଣ ସଂଘ ସଭାପତି ସୁଶୀଲ ଦେହୁରୀ, ଖେଳ ଶିକ୍ଷକ କୃଷ୍ଣ ସେଠି, ପ୍ରମୁଖ ମଞ୍ଚାସୀନ ଥିଲେ।

## ପ୍ରଶିକ୍ଷଣନେଲେ ୪ ସିଆରସିସି, ୫୭ ପ୍ରଧାନ ଶିକ୍ଷକ



ବୌଦ୍ଧ,୧୯ ।୫(ସମିସ): ବୌଦ୍ଧ ଏନ୍ଏସିସ୍ଥିତ ରାଜନପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ କୋଠରୀ ପରିଚାଳନା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ, ଜିଲ୍ଲା ବୈଷୟିକ ପରାମର୍ଶଦାତା ପରେଶ ବେହେରା, ଜିଲ୍ଲା ଶିକ୍ଷା ସଂଯୋଜକ ଶିବଶଙ୍କର ଶତପଥୀଙ୍କ ଉପସ୍ଥିତିରେ ଜିଲ୍ଲାର ୨୪ଜଣ ସିଆରସିସି ଓ ୫୭ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ୨ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ବୌଦ୍ଧ ବ୍ଲକ୍ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ଅତିଥି ପରିଚୟ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜେମା ମେହେର, ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଖଣ୍ଡଗିରି, ସିଆରସିସି ସତ୍ୟନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଶଗଡା,୧୯ ।୫(ସମିସ): ମନମୁଣ୍ଡା-ଦପଲା ରାସ୍ତାର ଦପଲା ପାଣି ଟାଙ୍କି ନିକଟରେ ମଙ୍ଗଳବାର ରାତି ୯ଟାରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିନି। କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଛି। ମନମୁଣ୍ଡା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ଶ୍ରୀ ଗଙ୍ଗା ମାଈ ପୂଜା ମହୋତ୍ସବ ମଞ୍ଚ ଉଦଘାଟିତ

କଣ୍ଟାବାଞ୍ଜି,୧୯ ।୫(ସମିସ): ସ୍ଥାନୀୟ ରେଲୱେ ପଡ଼ିଆସ୍ଥିତ ଶ୍ରୀ ଗଙ୍ଗା ମାଈ ମନ୍ଦିରରେ ଶୁକ୍ରବାରଠାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀ ଗଙ୍ଗା ମାଈ ପୂଜା ମହୋତ୍ସବ ମଞ୍ଚ ଉଦ୍‌ଘାଟିତ ହୋଇଛି। ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଗଙ୍ଗା ମାଇଁ ମହୋତ୍ସବ କମିଟି ସଭାପତି କୈଳାଶ ଦୀପ, ରାଜ୍ୟ ସାମ୍ବାଦିକ ସଂଘ ବଲାଙ୍ଗୀର ଜିଲ୍ଲା ଉପ ସଭାପତି ରୋହନ ମହତ, ସାମ୍ବାଦିକ ପୁଷ୍ପ ବେହେରା, ତୁଳସୀରାମ ଜଗତ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ମନୋଜ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନଗେଶ୍ୱର ଦୀପ, ସୁନୀଲ ଦୀପ, କୈଳାସ ବନଛୋର, ଯଶପାଲ ସୁନା, ରାକେଶ ସୁନା, ପ୍ରଦୀପ ଅଗ୍ରୱାଲ, ଦୀପକ କୁମାର ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ମଦ କାରବାର ବନ୍ଦ ପାଇଁ ଏକାଠି ହେଲେ ନାଇକେନପାଲିର ମହିଳା



ଡୁଙ୍ଗୁରିପାଲି,୧୯ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ନାଇକେନପାଲି ଗ୍ରାମରେ ଦିନକୁ ଦିନ ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଉଛି। ଏହା ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ରାମପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମରେ ଚାଲିଥିବା ଏହି ଅବୈଧ ମଦ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ମହିଳାମାନେ ରାମପୁର ଥାନା ଅଧିକାରୀ ବିନୋଦିନୀ ବରିହାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କିଛି ଅସାମାଜିକ ବ୍ୟକ୍ତି ନାଇକେନପାଲି ଗ୍ରାମ ମଧ୍ୟରେ ବେଆଇନ ଭାବେ ପ୍ରଚୁର ପରିମାଣରେ ଚୋରା ଦେଶୀ ମଦ ବିକ୍ରି କରୁଛନ୍ତି। ଏହା ଯୋଗୁଁ ଗ୍ରାମର ଶାନ୍ତି ଶୃଙ୍ଖଳା ଭଙ୍ଗ ହେବା ସହ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। କେବଳ ସେତିକି ନୁହେଁ, ଏହି ବେଆଇନ ମଦ ବ୍ୟବସାୟୀ ଗ୍ରାମର ମହିଳାଙ୍କୁ ଅସଦାଚରଣ କରିବା ସହ ମାନସିକ ନିର୍ଯାତନା ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଏବଂ କୁଚିଆ ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି କରାଯାଇଛି। ଏହି ବେଆଇନ ମଦ କାରବାର ବନ୍ଦ ନ ହେଲେ ଆନ୍ଦୋଳନ ଆହୁରି ବ୍ୟାପକ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଆଜି ବୌଦ୍ଧରେ ବେସରକାରୀ ଔଷଧ ଦୋକାନ ବନ୍ଦ

**ଅନଲାଇନ ଔଷଧ ବ୍ୟବସାୟ ବିରୋଧରେ ଦେଶବ୍ୟାପୀ ବନ୍ଦ ଡାକରା**

**ଜିଲ୍ଲା ପ୍ରଶାସନ ପକ୍ଷରୁ ବିକଳ୍ପ ବ୍ୟବସ୍ଥା**

ବୌଦ୍ଧ,୧୯ ।୫(ସମିସ): ଅଲ ଇଣ୍ଡିଆ ଅର୍ଗାନାଇଜେସନ ଅଫ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ପକ୍ଷରୁ ଅନଲାଇନ ଔଷଧ ବ୍ୟବସାୟକୁ ବିରୋଧ କରି ସାରା ଭାରତରେ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ବୌଦ୍ଧ ଜିଲ୍ଲାର ସମସ୍ତ ବେସରକାରୀ ଔଷଧ ଦୋକାନ ବନ୍ଦ ରହିବ। ବୌଦ୍ଧ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ଏ ନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛି। ତେବେ ଏହି ପରିସ୍ଥିତିରେ ଜନସାଧାରଣଙ୍କ ଚିକିତ୍ସା ସେବା ଓ ଔଷଧ ଯୋଗାଣ ବ୍ୟବସ୍ଥାରେ କୌଣସି ବିଘ୍ନ ନ ଘଟିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ସମସ୍ତ ସରକାରୀ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ପର୍ଯ୍ୟାପ୍ତ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା ସହ ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ସମସ୍ତ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ପ୍ରେସ୍‌କ୍ରିପସନ ଦେଖାଇ ନିରାମୟ ଔଷଧ ବିତରଣ କେନ୍ଦ୍ରରୁ ଆବଶ୍ୟକୀୟ ଔଷଧ ନିଶୁଳ୍କରେ ସଂଗ୍ରହ କରିପାରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ କରାଯାଇଛି। ଆବଶ୍ୟକ ଚିକିତ୍ସା ସେବା ଓ ଔଷଧ ଯୋଗାଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି।

## ୩ ଗାଁରେ ସ୍ୱାସ୍ଥ୍ୟ ସଚେତନତା ଓ ଜନକଲ୍ୟାଣ କାର୍ଯ୍ୟକ୍ରମ

ତରଭା,୧୯ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ୩ଟି ଅନୁସୂଚିତ ଜନଜାତି ଗାଁରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଚାଲଇଛି। ଜନଜାତୀୟ ଗରିମା ଉତ୍ସବ ଅଧୀନ ଜନ ଭାଗିଦାରୀ-ସବୁଠୁ ଦୂର-ସର୍ବପ୍ରଥମେ ଅଭିଯାନ ଅବସରରେ ମଙ୍ଗଳବାର ଦ୍ୱିତୀୟ ଦିନ ଥିଲା।

ଗ୍ରାମଗୁଡ଼ିକର ସର୍ବାଙ୍ଗିନ ଉନ୍ନତି ପାଇଁ ବିଭିନ୍ନ ବିଭାଗର ଅଧିକାରୀ ସମ୍ପୃକ୍ତ ବିଭାଗର ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବୀରମହାରାଜପୁର ବ୍ଲକର କୁଞ୍ଜାପାଲି, ଉଲୁଣ୍ଡା ବ୍ଲକର ବ୍ରାହ୍ମଣୀପାଲି ଏବଂ ବିନିକା ବ୍ଲକର ଆଖିଦାଦର ଗ୍ରାମରେ ସ୍ୱାସ୍ଥ୍ୟ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇ ଚାରା ରୋପଣ ମଧ୍ୟ କରାଯାଇଥିଲା। ୨୧ ତାରିଖରେ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ। ୧୮ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିଭଳି ଏହି ୩ଟି ଗ୍ରାମରେ ଜନଶୁଣାଣି ମଧ୍ୟ ଆୟୋଜନ କରାଯିବ ବୋଲି ଜଣା ପଡିଛି। ଉଲୁଣ୍ଡା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରେମାନନ୍ଦ କର୍ମୀ, ବୀରମହାରାଜପୁର ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟନାରାୟଣ ପଧାନ ଓ ବିନିକା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଭ ଦାନୀ ସହଯୋଗ କରିଛନ୍ତି। ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଧାନ ସଂଗ୍ରହ କମିଟି ବୈଠକ**

## ବୌଦ୍ଧ ଜିଲ୍ଲାରେ ଜୁନ୍ ୨ରୁ ଖୋଲିବ ମଣ୍ଡି

ବୌଦ୍ଧ,୧୯ ।୫(ସମିସ): ବୌଦ୍ଧ ଜିଲ୍ଲାରେ ଖରିଫ ବିପଣନ ବର୍ଷ ୨୦୨୫-୨୬ ପାଇଁ ରବି ଧାନ ସଂଗ୍ରହ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲାସ୍ତରୀୟ ବୈଠକ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ସମ୍ମତି କ୍ରମେ ଜୁନ୍ ୨ ତାରିଖରୁ ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆଗଲା

ଏହି ବୈଠକରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସୁବିଧା, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ଧାନ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗ, ମିଲର, ସମବାୟ ସମିତି ଓ ସମ୍ପୃକ୍ତ ଅଧିକାରୀ ପରସ୍ପର ସହଯୋଗରେ ଧାନ ସଂଗ୍ରହ କାର୍ଯ୍ୟ ସଫଳ କରିବାକୁ ବିଧାୟକ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସଭାପତିତ୍ୱ କରିଥିଲେ। ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ଏବଂ ଠିକ୍ ଭାବେ ଧାନ କ୍ରୟ କାର୍ଯ୍ୟ ସମ୍ପନ୍ନ ହେବ ସେଥିପାଇଁ ସମସ୍ତ ଅଧିକାରୀ ଓ ମିଲରଙ୍କୁ ସଚେତନ ଓ ଦାୟିତ୍ୱବାନ ହୋଇ କାମ କରିବା ସହ ଶତ ପ୍ରତିଶତ ସଫଳତା ହାସଲ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଚଳିତ ରବି ଋତୁ ପାଇଁ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧,୮୮,୯୫୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ୮,୨୯୦ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ୨୪ଟି ପ୍ୟାକ୍ସ ଅଂଶଗ୍ରହଣ କରିବେ। ୧୩ଟି ମିଲ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ। ବୈଠକରେ ପ୍ରତ୍ୟେକ ପ୍ୟାକ୍ସ ଓ ପିପିସିରେ ପାନୀୟ ଜଳ, ବିଶ୍ରାମ ସ୍ଥଳ, ଶୌଚାଳୟ ଆଦି ମୌଳିକ ସୁବିଧା ଯୋଗାଇଦେବା, ମିନି ଗ୍ରେଡର, ମଏସ୍‌ଚର ମିଟର, କମ୍ପ୍ୟୁଟରାଇଜ୍ଡ ଓଜନ ଯନ୍ତ୍ର, ତରପୋଲିନ ଓ ପଲିଥିନ ସିଟ୍ ଇତ୍ୟାଦି ବ୍ୟବସ୍ଥା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ପିପିସିରେ ସିସିଟିଭି ସ୍ଥାପନ କରାଯାଇ ଜିଲ୍ଲା ଓ ରାଜ୍ୟ କଣ୍ଟ୍ରୋଲ ରୁମ୍ ସହ ଲାଇଭ୍ ଫିଡ୍ ସଂଯୋଗ କରାଯିବ। ଚାଷୀଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲାସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ମଣ୍ଡିଗୁଡିକରେ ନୋଡାଲ ଅଫିସର ଓ ସୁପରଭାଇଜିଂ ଅଫିସର ନିଯୁକ୍ତ କରାଯିବ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୃଷକଙ୍କ ଅଭିଯୋଗ ଶୁଣାଣି ସେଲ୍ ଗଠନ ହେବ। ଜିଲ୍ଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇ ଧାନ ସଂଗ୍ରହ ପ୍ରକ୍ରିୟାର ତଦାରଖ କରାଯିବା ସହ ପଡୋଶୀ ଜିଲ୍ଲାରୁ ଅନଧିକୃତ ଧାନ ପ୍ରବେଶ ରୋକିବା ପାଇଁ ସୀମା ସିଲିଂ କରାଯିବ ବୋଲି ସୂଚନା ମିଳିଛି। କୃଷକ ଓ ମିଲର ପ୍ରତିନିଧି ଧାନ କ୍ରୟ ଓ ସଂଗ୍ରହ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ।

ଏହି ସମୀକ୍ଷା ବୈଠକରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇଙ୍କ ସମେତ ଯୋଗାଣ ବିଭାଗ, ସମବାୟ ବିଭାଗ ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କୃଷକ ପ୍ରତିନିଧି, ମିଲର ପ୍ରତିନିଧି ଯୋଗ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହଂସଦା ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ।

## ଦୁର୍ଘଟଣାରେ ଏଲ୍ଆଇସି ଏଜେଣ୍ଟଙ୍କ ମୃତ୍ୟୁ

ବୌଦ୍ଧ, ୧୯ ।୫ (ସମିସ): ବୌଦ୍ଧ ଜିଲ୍ଲା ପୁରୁଣା କଟକ ରେଳ ଓଭର ବ୍ରିଜ ନିକଟରେ ଦୁର୍ଘଟଣାରେ ଗୁରୁତର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିଲେଶ୍ୱର ପଞ୍ଚାୟତ ମୂଷାଡ ଗ୍ରାମର ସୁବାଷ ଚନ୍ଦ୍ର ପଣ୍ଡା। ସେ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ଡାକ୍ତରଖାନା ନେଇଥିଲେ। ପରେ ବୌଦ୍ଧ ଏବଂ ସେଠାରୁ ତାଙ୍କୁ ବୁର୍ଲା ନିଆଯାଇଥିଲା। ଅବସ୍ଥା ଅଧିକ ଗୁରୁତର ହେବାରୁ ମଙ୍ଗଳବାର ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୁର୍ଲାରୁ ଭୁବନେଶ୍ୱର ନେବା ସମୟରେ ମୃତ୍ୟୁ ଘଟିଛି। ତେବେ ଶ୍ରୀ ପଣ୍ଡା ଭାରତୀୟ ଜୀବନ ବୀମା ନିଗମର ଜଣେ ବରିଷ୍ଠ ଏଜେଣ୍ଟ ଥିଲେ। ବୌଦ୍ଧରେ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଖବର ପକାଶ ପରେ ମରାମତି ହେଲା ନଳକୂଅ

ଶଗଡା,୧୯ ।୫(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଳାସପୁର ପଞ୍ଚାୟତ ଗମ୍ଭାରୀଗୋରା ଗ୍ରାମବାସୀଙ୍କ ପାଣି ସମସ୍ୟାର ସମାଧାନ ହୋଇଛି। ଏହି ଗାଁରେ ଥିବା ନଳକୂଅ ଦୀର୍ଘ ୧ ମାସରୁ ଅଧିକ ଦିନ ହେବ ଅଚଳ ହୋଇ ପଡିରହିଥିଲା। ଏଣୁ ଗାଁର ୨୦ ପରିବାରର ୬୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅଚଳ ନଳକୂଅକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ପରେ ଲୋକେ ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ। ତଥାପି ନଳକୂଅ ମରାମତି ହୋଇ ନ ଥିଲା। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ବଲାଙ୍ଗୀର ଜିଲ୍ଲାର ସୁଶାନ୍ତ ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆଜାଦ କଲତା, ଅନନ୍ତ ମିଶ୍ର ଓ ମନଧର କର୍ମୀ ପ୍ରମୁଖ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଏବଂ ଜଳ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଆଜି ବିଭାଗ ପକ୍ଷରୁ ଏହି ନଳକୂଅ ମରାମତି କରାଯାଇଛି। ସମସ୍ୟାର ସମାଧାନ ହୋଇଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

**ସକାଳ ପ୍ରଭାବ**



ସକାଳ THE SAKALA



# ଦୟନୀୟ ଜୀବନ ବିତାଉଛନ୍ତି ପକ୍ଷାଘାତରେ ପୀଡ଼ିତ ଗିରିଧାରି

ରିଆମାଳ, ୧୯।୫(ସମିସ)



ରିଆମାଳ ବ୍ଲକ ନାଉଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ତେଲିମୁଣ୍ଡା (ଫୁଲସରନାଳୀ) ଗ୍ରାମର ଗିରିଧାରି କିସାନ (୫୦) ଆଜକୁ ୩ ବର୍ଷ ହେଲା ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଦୟନୀୟ ଅବସ୍ଥାରେ ପଡ଼ି ରହିଛନ୍ତି। ବର୍ତ୍ତମାନ ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁ ନାହାଁନ୍ତି। ତାଙ୍କର ଡାହାଣ ଅଙ୍ଗ (ହାତ ଓ ଗୋଡ଼) ସମ୍ପୂର୍ଣ୍ଣ ଅକାମି ହୋଇଯାଇଛି। ସେ କିଛି କାମ କରି ପାରୁନାହାଁନ୍ତି। ମାତ୍ର ଏମିତି ଅବସ୍ଥାରେ ଥିଲେ ମଧ୍ୟ ସରକାରୀ କଳ ଓ ପ୍ରଶାସନ ପହଞ୍ଚି ପାରିନାହିଁ। ଯାହାକି ସରକାରର କାର୍ଯ୍ୟ ଦକ୍ଷତା ଉପରେ ସମ୍ପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ପକ୍ଷାଘାତ ରୋଗରେ ପୀଡ଼ିତ ହେବା ପରେ ବର୍ତ୍ତମାନ ପରିବାର ଚଳିବାରେ ବହୁ ବାଧା ବିଘ୍ନ ସୃଷ୍ଟି ହୋଇଛି। ତାଙ୍କର ସ୍ତ୍ରୀ ଜେମା କିସାନ ବର୍ତ୍ତମାନ ଘରର ବୋଝ ମୁଣ୍ଡାଇଛନ୍ତି। ଜଙ୍ଗଲରୁ କାଠ, ପତ୍ର ତଥା ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କର ତିନୋଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଦୁଇ ଝିଅ ବିବାହ କରି ସାରିଛନ୍ତି। ଆଉ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଚଳିବା ପାଇଁ ଭଲ ଘର ନାହିଁ। ସରକାରରୁ ଜଣ ପିଛା ୫ କେଜି ହିସାବରେ ୪ ଜଣଙ୍କୁ ୨୦ କେଜି ଚାଉଳ ପାଉଛନ୍ତି। ସ୍ୱାମୀର ବିକଳାଙ୍ଗ ଭତ୍ତା ପାଇଁ ସ୍ତ୍ରୀ ଜେମା ବ୍ଲକ ଓ ଜିଲ୍ଲା

**ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା**

ପ୍ରଶାସନ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାଁନ୍ତି। ପକ୍ଷାଘାତ ରୋଗରେ ପୀଡ଼ିତ ହେବା ପରେ ଘରେ ଯାହା ଥିଲା ଅର୍ଥ ଚିକିତ୍ସା ବାବଦରେ ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ବର୍ତ୍ତମାନ ଅର୍ଥ ନ ଥିବା ବେଳେ ସେମିତି ପଡ଼ିରହିଛନ୍ତି। ଯଥାଶୀଘ୍ର ଚିକିତ୍ସା ଓ ସରକାରୀ ସହାୟତା ଭତ୍ତା ଏବଂ ଏକ ଘର ଯୋଗାଇ ଦେବାକୁ ପରିବାର ଦାବି କରିଛନ୍ତି।

# ଜିଲ୍ଲାରେ ଏସ୍ଆଇଆର୍ ପାଇଁ ବୈଠକ

ଝାରସୁଗୁଡ଼ା, ୧୯।୫(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏସ୍ଆଇଆର୍ ପାଇଁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କ ସହିତ ସ୍ୱତନ୍ତ୍ର ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବ୍ରଜରାଜ ନଗର) ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୬ ଏସ୍ଆଇଆର୍ ପାଇଁ ୧ ଜୁଲାଇ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ତାରିଖ ସୁଦ୍ଧା ୧୮ ବର୍ଷ ଏବଂ ତା'ଠାରୁ ଊର୍ଦ୍ଧ୍ୱ ବୟସ ହେଉଥିବା ସମସ୍ତ ଯୋଗ୍ୟ ମତଦାତା ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେଥିପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରାଯାଉଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ୩୦ ମେ ରୁ ୨୮ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଏଲ୍ଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ। ଏହାପରେ ୨୮ ଜୁନ୍ ସୁଦ୍ଧା ମତଦାନ କେନ୍ଦ୍ରର ପୁନର୍ବିନ୍ୟାସ କରାଯିବ ବୋଲି ଜଣାପଡ଼ିଛି। ପରେ ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବ। ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ ଦାବି ଓ ଆପତ୍ତିର ସମାଧାନ ଓ ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସ୍ଆଇଆର୍ ସମୟରେ ବୁଥ୍



ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା, ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ଣ୍ଣ ସହଭାଗିତା ସହ କାର୍ଯ୍ୟାନ୍ୱୟନ କରିବା ପାଇଁ ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ବିଜେପି, ବିଜେଡି, କଂଗ୍ରେସ ଏବଂ ବିଏସ୍ପିର ଜିଲ୍ଲା ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ କେଜି ଗଞ୍ଜେଇ ଜବତ; ୩ ଗିରଫ



ଝାରସୁଗୁଡ଼ା, ୧୯।୫(ସମିସ): ଝାରସୁଗୁଡା ଜିଲ୍ଲାରେ ଚାଲିଥିବା 'ନିଶା ମୁକ୍ତ ଅଭିଯାନ'ରେ ବ୍ରଜରାଜନଗର ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ବ୍ରଜରାଜନଗର ଥାନା ପୋଲିସ ପକ୍ଷରୁ ସୋମବାର ଚଢ଼ଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନାନୁଯାୟୀ, ସୋମବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବ୍ରଜରାଜନଗର ଥାନା ସବ୍‌ଇନ୍ସପେକ୍ଟର ପ୍ରଭାକର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ରାମପୁର କୋଲିୟାରୀ ୫ନମ୍ବର ଛକ ନିକଟରେ ଚଢ଼ଉ କରାଯାଇ ଏକ ହିରୋ ପ୍ଲେଜର ସ୍କୁଟି ଓ ହିରୋ ସୁପର ସ୍ପେଲଣ୍ଡର ବାଇକକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେଥିରୁ ୨୧.୫୦୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ଅଭିଯୁକ୍ତମାନେ ବ୍ରଜରାଜନଗର ଥାନା ଓପିଏମ୍ କଲୋନୀର ରାମଜି ସନ୍ତୋଷ ପ୍ରସାଦ(୩୭), ଲମଟିବାହାଲ ଗୁଆଲାପଡ଼ାର ଅନୁରାଗ ରାୟ ଓରଫ ଆଲୁ (୨୪) ଓ ଓରିଏଣ୍ଟ ଥାନା ମଣ୍ଡଲିଆ ଆଦିବାସୀ କଲୋନୀର ସନ୍ତୋଷ ଯାଦବ ଓରଫ ଟାଇଗର(୨୨) ହୋଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହାକୁ ଲାଭ ଉଦ୍ଦେଶ୍ୟରେ ବିକ୍ରି କରିବା ପାଇଁ ଚାଲାଣ କରୁଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୨୧.୫୦୦ କେଜି ଗଞ୍ଜେଇ ସମେତ ଏକ ହିରୋ ପ୍ଲେଜର ସ୍କୁଟି (ଓଡ଼ି ୧୪ ୩୫୩୬)ଓ ହିରୋ ସୁପର ସ୍ପେଲଣ୍ଡର ବାଇକ(ଓଡ଼ି ୨୩ ଇ ୪୯୭୦) ଏବଂ ୩ଟି ମୋବାଇଲ ଫୋନ ଜବତ କରାଯାଇଥିବା ନେଇ ବ୍ରଜରାଜନଗର ଥାନା ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପାଇଁ ଜିଲ୍ଲାସ୍ତରୀୟ ବୈଠକ

ଦେବଗଡ଼, ୧୯।୫(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଡେପୁଟି କଲେକ୍ଟର ଏଜଲିନ ବାରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଏସଆଇଆର ଉଦ୍ଦେଶ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ କରିବା ଏବଂ ଅନାଧିକୃତ ପ୍ରବାସି କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା, ଏଥିରେ ମୃତ ବ୍ୟକ୍ତିଙ୍କ ନାମ ଏବଂ ଡୁବ୍ଲିକେଟ ନାମକୁ ଚିହ୍ନଟ କରାଯାଇ ତାଲିକାରୁ ବାହାର କରିବା ଏବଂ ସ୍ଥାନାନ୍ତରିତ ମତଦାତା ନାମ ସଂଶୋଧନ କରାଯିବା, ଭୋଟର ତାଲିକାରେ ସଠିକ୍ ଓ ପାରଦର୍ଶିତା ବୃଦ୍ଧି କରିବା ପାଇଁ ଏସଆଇଆର ଲାଗୁ କରାଯାଇଥିବା




ଜିଲ୍ଲାପାଳ ଶ୍ରୀ ସାହୁ ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଧ୍ୟ ଯୋଗଦେଇଥିଲେ। ସେମାନଙ୍କ ମତାମତକୁ ଜିଲ୍ଲପାଳ କିମ୍ବା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଇଆରଓମାନଙ୍କୁ ଲିଖିତ ଭାବରେ ଜଣାଇବା ପାଇଁ ଅନୁରୋଧ କରାଯାଇଥିଲା। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସେମାନଙ୍କ ବୁଥ୍ସ୍ତରୀୟ ଅଧିକାରୀଙ୍କ ସହ ମ୍ୟାପିଙ୍ଗ ଏବଂ ଏସଆଇଆର ସମ୍ପର୍କରେ ଆଲୋଚନା କରିବା ପାଇଁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଜୁଲାଇ ପହିଲା ତାରିଖକୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ଏହି ତାରିଖ ସୁଦ୍ଧା ୧୮ ବର୍ଷ ବୟସ ହେଉଥିବା ସମସ୍ତ ଯୋଗ୍ୟ ଭାରତୀୟ ନାଗରିକ ମତଦାତା ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେଥିପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରାଯାଉଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ମଇ ୩୦ ମଇରୁ ଜୁନ ୨୮ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୩୩୮ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ। ଏହାପରେ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ପରେ ଜୁଲାଇ ୫ ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ଜୁଲାଇ ୫ ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ ଦାବି ଓ ଆପତ୍ତିର ସମାଧାନ ଓ ୬ ସେପ୍ଟେମ୍ବର ୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ସ୍ତରୀୟ ଏଜେଣ୍ଟ(ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବିଜେପି ସଭାପତି ଅରୁଣ କୁମାର ସାହୁ, କଂଗ୍ରେସ ସଭାପତି ସେମ ହେମରେମ୍, ବିଜେଡିରୁ ସଞ୍ଜୀବ କୁମାର ଶତପଥୀ, ଆମ ଆଦମୀ ପାର୍ଟିରୁ ଜ୍ଞାନେନ୍ଦ୍ର କୁମାର ସାମଲ, ବିଜେପି ସାଧାରଣ ସମ୍ପାଦକ ମୀନକେତନ ପ୍ରଧାନ, ରିତେଶ କୁମାର ନାୟକ, ସୁବ୍ରତ କୁମାର ବେହେରା, ଏଲିଏସ୍ ତିର୍କି, ଏସ୍ଓ ରାଜକିଶୋର କାଲୋ ଓ ଏସଆରଏ ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୋଲାବିରା ପେଟ୍ରୋଲ ପମ୍ପମାନଙ୍କରେ ସ୍ଥିତି ସ୍ୱାଭାବିକ



କୋଲାବିରା, ୧୯।୫(ସମିସ): କୋଲାବିରା ଅଞ୍ଚଳରେ ପେଟ୍ରୋଲ ପମ୍ପମାନଙ୍କର ସ୍ଥିତି ସ୍ୱାଭାବିକ ରହିଛି। କୌଣସି ପ୍ରକାର ଅସ୍ୱାଭାବିକ ପରିସ୍ଥିତି ଉପୁଜି ନାହିଁ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପେଟ୍ରୋଲ ପମ୍ପରେ ଅବସ୍ଥା ସାଂଘାତିକ ରହିଥିବା ପ୍ରଚାର ପ୍ରସାର କରାଯାଉଥିଲା। ପେଟ୍ରୋଲ ଡିଜେଲର ଦର ବୃଦ୍ଧି ହେବା ପରେ ଓଡ଼ିଶା ରେ ମଧ୍ୟ ବିଭିନ୍ନ ସ୍ଥାନରେ ଅସ୍ୱାଭାବିକ ପରିସ୍ଥିତି ତଥା ଲମ୍ବା ଲାଇନ ହେଉଥିବାର ତଥା ସ୍ଥାନେ ସ୍ଥାନେ ଗଣ୍ଡଗୋଳର ଅବସ୍ଥା ମଧ୍ୟ ସୃଷ୍ଟି ହେବାର ଦେଖାଯାଇଥିଲା। ଅନେକ ନିଜ ହ୍ୱାଟ୍ସଅପ୍ ଗ୍ରୁପରେ ତେଲ କାଳାବଜାରି ହେଉଥିବା, ରାତାରାତି ଉଚ୍ଚାଦରରେ ତେଲ ବିକ୍ରି କରାଯାଉଥିବା ନେଇ ମନ୍ତବ୍ୟ ଲେଖି ପୋଷ୍ଟ କରୁଥିଲେ। କିନ୍ତୁ କୋଲାବିରା ଅଞ୍ଚଳରେ ଅବସ୍ଥା ପୁରାପୁରି ସ୍ୱାଭାବିକ ରହିଛି। ତେଲ ଅଭାବ ଜନିତ କୌଣସି ସମସ୍ୟା ଏପର୍ଯ୍ୟନ୍ତ ଉପୁଜି ନ ଥିବା ପେଟ୍ରେଲ ପମ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କୌଣସି ପମ୍ପରେ ଭିଡ ମଧ୍ୟ ପରିଲକ୍ଷିତ ହେଉ ନଥିବା ନଜରକୁ ଆସିଛି।

# ଝାରସୁଗୁଡାରେ 'ସ୍ମାର୍ଟ ଅଟୋ ଟ୍ରାକିଂ ସିଷ୍ଟମ୍'ର ଶୁଭାରମ୍ଭ

ଝାରସୁଗୁଡ଼ା, ୧୯।୫(ସମିସ): ଝାରସୁଗୁଡ଼ା ଜିଲ୍ଲାରେ ଦୈନନ୍ଦିନ ଯାତାୟାତ କରୁଥିବା ହଜାର ହଜାର ଜନସାଧାରଣ ଓ ଶ୍ରମିକଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ପୁଲିସର ଚାଲୁ ରହିଥିବା ସ୍ପେଶାଲ ଡ୍ରାଇଭ୍ 'ଅପରେସନ୍ ନେତ୍ର' ଅଧୀନରେ ଏକ ଅଭିନବ 'ସ୍ମାର୍ଟ ଅଟୋ ଟ୍ରାକିଂ ସିଷ୍ଟମ୍'ର ଶୁଭାରମ୍ଭ କରାଯାଇଛି। ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏବଂ ଯାତ୍ରୀ, ବିଶେଷ କରି ମହିଳା ଓ ବରିଷ୍ଠ ନାଗରିକଙ୍କ ମନରେ ନିରାପତ୍ତା ଭାବ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଜନକଲ୍ୟାଣକାରୀ ଯୋଜନାରେ ସହଯୋଗର ହାତ ବଢ଼ାଇଛି ଅଗ୍ରଣୀ ଶିଳ୍ପ ସଂସ୍ଥା 'ବେଦାନ୍ତ ଲିମିଟେଡ୍'। ଏହି ନୂତନ ବ୍ୟବସ୍ଥା ଅଧୀନରେ ଜିଲ୍ଲାର ସମସ୍ତ ପଞ୍ଜୀକୃତ ଅଟୋ-ରିକ୍ସାର ସମ୍ପୂର୍ଣ୍ଣ ସୂଚନାକୁ ଡିଜିଟାଲ୍ କରାଯାଇଛି। ପ୍ରତ୍ୟେକ ଅଟୋର ଆଗ ଓ ପଛ ପାର୍ଶ୍ୱରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କ୍ୟୁଆର୍ କୋଡ୍ ଷ୍ଟିକର ଲଗାଯାଉଛି। ଯାହାଦ୍ୱାରା ବାହାରୁ ମଧ୍ୟ ଗାଡ଼ିର ସ୍ଥିତି ଚିହ୍ନଟ କରାଯାଇପାରିବ। ଯାତ୍ରୀମାନଙ୍କ ସହଜ ଦୃଷ୍ଟିଗୋଚର ପାଇଁ ଅଟୋ ଭିତରେ ଏକ ପ୍ରମୁଖ ସୂଚନା ସିଟ୍ ମଧ୍ୟ ଲଗାଯାଇଛି। ଏଥିରେ ଅଟୋ ଚାଳକ ଓ ମାଲିକଙ୍କ ନାମ, ଠିକଣା, ମୋବାଇଲ୍ ନମ୍ବର, ଡ୍ରାଇଭିଂ ଲାଇସେନ୍ସ ଏବଂ ଗାଡ଼ିର ସମସ୍ତ




ବିବରଣୀ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଅଟୋରେ ଯାତ୍ରା କରୁଥିବା ସମୟରେ ଯାତ୍ରୀମାନେ ନିଜ ମୋବାଇଲ୍ ମାଧ୍ୟମରେ ଏହି କ୍ୟୁଆର୍ କୋଡ୍କୁ ସ୍କାନ୍ କରି ଅନେକ ଜରୁରୀ ସୁରକ୍ଷା ସେବାର ଲାଭ ଉଠାଇପାରିବେ। ଯାତ୍ରୀମାନେ ଚାହିଁଲେ ସିଧାସଳଖ ପୋଲିସକୁ ନିଜର 'ଲାଇଭ୍ ଜର୍ଣ୍ଣି ଟ୍ରାକିଂ' ଅନୁରୋଧ ପଠାଇପାରିବେ। ଯାହାଦ୍ୱାରା ପୁଲିସ କଣ୍ଟ୍ରୋଲ୍ ରୁମ୍ ଗାଡ଼ିର ଗତିବିଧି ଉପରେ ନଜର ରଖିବ। ଅଟୋ ଚାଳକଙ୍କ ଦୁର୍ବ୍ୟବହାର, ଅଧିକ ଭଡ଼ା ଆଦାୟ, ବେପରୁଆ ଗାଡ଼ି ଚାଳନା, ଭୁଲ୍ ରୁଟ୍ରେ ଗାଡ଼ି ନେବା, ଦୁର୍ଘଟଣା କିମ୍ବା ଗାଡ଼ିରେ ଜିନିଷପତ୍ର ପତ୍ର ଛାଡ଼ିଯିବା ଭଳି ସମସ୍ୟା ନେଇ ତୁରନ୍ତ ପୁଲିସ ନିକଟରେ ଅଭିଯୋଗ ଦାଖଲ କରାଯାଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ନିକଟସ୍ଥ ପୁଲିସ ଷ୍ଟେସନ ଏବଂ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର (ଯେପରିକି ୧୧୨ ଏବଂ କଣ୍ଟ୍ରୋଲ୍ ରୁମ୍ ନମ୍ବର ୭୩୮୧୮୦୯୯୭୩) ସହଜରେ ଉପଲବ୍ଧ ହୋଇପାରିବ। ଏହାଦ୍ୱାରା ଚାଳକମାନଙ୍କ ସାମାଜିକ ପ୍ରତିଷ୍ଠା ଓ ସେବା ପ୍ରତି ଜନସାଧାରଣଙ୍କ ବିଶ୍ୱସନୀୟତା ବୃଦ୍ଧି ପାଇବ। ପୂର୍ବରୁ 'ଅପରେସନ୍ ନେତ୍ର' ଅଧୀନରେ ଜିଲ୍ଲାରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ନିଶାଦ୍ରବ୍ୟ ଚୋରା ଚାଲାଣ ଓ ସାଇବର ଅପରାଧ ବିରୋଧରେ ବଡ଼ ସଫଳତା ପାଇଛି ଝାରସୁଗୁଡ଼ା ପୋଲିସ। ଏବେ ସ୍ମାର୍ଟ ଅଟୋ ଟ୍ରାକିଂ ସିଷ୍ଟମ୍ ଜରିଆରେ ସହରକୁ ଅଧିକ ନିରାପଦ ଏବଂ 'ସ୍ମାର୍ଟ' କରିବା ଦିଗରେ ପୁଲିସ ନିଜର ସଂକଳ୍ପକୁ ଦୋହରାଇଛି। ଝାରସୁଗୁଡ଼ା ଜିଲ୍ଲାକୁ ଏକ ସୁରକ୍ଷିତ, ଅପରାଧମୁକ୍ତ ଏବଂ ସ୍ମାର୍ଟ ଅଞ୍ଚଳରେ ପରିଣତ କରିବା ପାଇଁ ପୁଲିସର ଏହି ବୈଷୟିକ ପ୍ରୟାସକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

# ସମାସିଂହାରେ ସୁନ୍ଦରାକାଣ୍ଡ ପାରାୟଣ

କୋଲାବିରା, ୧୯।୫(ସମିସ): ସମାସିଂହାଠାରେ ଏକଦିବସୀୟ ସୁନ୍ଦରାକାଣ୍ଡ ପାରାୟଣ(ରାମକଥା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ଅଙ୍କୁଶ ପାଣିଗ୍ରାହୀ ଦେବ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ସୁନ୍ଦରାକାଣ୍ଡ ପାରାୟଣର ଆବୃତି କରିଥିଲେ। ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ପୂଝାରୀ, ପତ୍ନୀ ପଙ୍କଜିନୀ ପୂଜାରୀ ଓ ପରିବାର ସଦସ୍ୟଙ୍କ ସମାଗମରେ ସଂକୀର୍ତ୍ତନ



ମଣ୍ଡଳୀ ସହ କଳସ ଶୋଭାଯାତ୍ରାରେ ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଆସିବା ପରେ ସେଠାରେ ଶ୍ରଦ୍ଧାଳୁଙ୍କ ଗହଣରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ରାମ କଥା ଉପଭୋଗ କରିଥିଲେ। ପୂଝାରୀ ପରିବାର ପକ୍ଷରୁ ସମସ୍ତ ଭକ୍ତଙ୍କ ନିମନ୍ତେ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମର ପ୍ରଗତୀ ସଂଘର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଖେଳ ପଡ଼ିଆରେ ସମବାୟ କାର୍ଯ୍ୟାଳୟ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ



କୋଲାବିରା, ୧୯।୫(ସମିସ): କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାହ୍ଲେ ଗ୍ରାମରେ ଥିବା ଖେଳ ପଡ଼ିଆରେ ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣ ପାଇଁ ଚାଲିଥିବା ପ୍ରକ୍ରିୟାକୁ ଗ୍ରାମବାସୀ ବିରୋଧ କରି କୋଲାବିରା ତହସିଲଦାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୋଖରାସାହ୍ଲେ ମୌଜା ଖାତା ନଂ ୨୬୩, ପ୍ଲଟ ନଂ ୨୨୪୫ ପତିତ କିସମ ଜମିରେ ସେବା ସମବାୟ ସମିତି କାର୍ଯ୍ୟାଳୟ ପାଇଁ ଗୃହ ନିର୍ମାଣ ସକାଶେ ଜମି ପ୍ରଦାନ କରାଯାଇଛି, ଯାହାକି ଗ୍ରାମର ଖେଳ ପଡ଼ିଆ ଭାବରେ ରହିଆସିଛି। ଉକ୍ତ ସ୍ଥାନରେ ସ୍ଥାୟୀ ନିର୍ମାଣ ଦ୍ୱାରା ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେବେ, ତା ଛଡା ବିକଳ୍ପ ଜମି ଓ ରାସ୍ତା ଥାଇ ମଧ୍ୟ ଖେଳପଡ଼ିଆକୁ ବ୍ୟବହାର କରିବା ସାର୍ବଜନୀନ କଲ୍ୟାଣ ବିରୋଧୀ। ତେଣୁ ଏହି ସ୍ଥାନରେ ସ୍ଥାୟୀ ନିର୍ମାଣକୁ ବନ୍ଦ କରାଯିବାକୁ ଗ୍ରାମର ନିର୍ମଳ କୁମାର ନାଏକ, ଆକାଶ ଗୌଡ, ଶିବା ମାଝୀ, ବିକାଶ ନାଏକ, ସତ୍ୟ ନାଏକ, ପରମେଶ୍ୱର ନାଏକ, ଅରୁନ ସେଠ, ରିଙ୍କୁ ସାହୁ, ରୋଶନ ନାଏକ, ଆକାସ ଚର୍ଡିଆ, କିଶୁ ମାଝି ଦାବି କରିବା ସହ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର କୋଲାବିରା ତହସିଲଦାର ମନୋଜ ପ୍ରଭାକର କୁଜୁରଙ୍କୁ ପ୍ରଦାନ କରି ଅନ୍ୟତ୍ର ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି।

**ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି**

# ବନ୍ୟା ଆଶ୍ରୟସ୍ଥଳୀ ସ୍ଥିତିର ସମୀକ୍ଷା ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୯।୫(ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଅଡିଟରିୟମ ହଲଠାରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ସାଂସଦଙ୍କ ପ୍ରତିନିଧି ରାମହରି ପୂଜାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମଦ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରବଳ ବର୍ଷା, ବନ୍ୟା ଓ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର




ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ବିଶେଷ କରି ମୌସୁମୀ ପ୍ରବାହ ପୂର୍ବରୁ କୃଷି ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ବିହନ, ସାର ଏବଂ କୀଟନାଶକ ଔଷଧ ଗଚ୍ଛିତ ରଖିବା ସହ ଶକ୍ତି ବିଭାଗକୁ ତୁରନ୍ତ ମରାମତି ପାଇଁ ଆବଶ୍ୟକୀୟ ସରଞ୍ଜାମ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଥିବାରୁ ମୌସୁମୀ ବର୍ଷା ଯଥେଷ୍ଟ ପୂର୍ବରୁ ଦୁର୍ଗମ ଅଞ୍ଚଳଗୁଡ଼ିକରେ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଓ କିରୋସିନି ମହଜୁଦ ରଖିବାକୁ ଜିଲ୍ଲା ଖାଦ୍ୟ ଯୋଗାଣ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସେବାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସବ୍-ଡିଭିଜନାଲ ହସ୍ପିଟାଲ ଏବଂ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଜୀବନ ରକ୍ଷାକାରୀ ଔଷଧ, ଓଆରଏସ୍ ଏବଂ ସାପ କାମୁଡ଼ା ଇଞ୍ଜେକସନ ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଦୁର୍ଗମ ଏବଂ ବିପଦସଙ୍କୁଳ ଅଞ୍ଚଳଗୁଡ଼ିକରେ ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରିବା ସହ ସେଠାରେ ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ ଏବଂ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି। ଜଳବନ୍ଦୀ ବା ତଳିଆ ଅଞ୍ଚଳଗୁଡ଼ିକରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସ୍ପଷ୍ଟ ସ୍ଥାନାନ୍ତରଣ ଯୋଜନା ଏବଂ ଗମନାଗମନର ବିକଳ୍ପ ମାର୍ଗ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ ଓ ଏନଡିଆରଏଫ ଦଳର ମୁତୟନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପଞ୍ଚାୟତରାଜ ପ୍ରତିନିଧିମାନଙ୍କ ସହ ସମନ୍ୱୟ ରକ୍ଷା କରିବା ପାଇଁ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ବନ୍ୟାଜଳ ପ୍ରବାହିତ ହେଉଥିବା ରାସ୍ତା କିମ୍ବା ବ୍ରିଜ୍ଗୁଡ଼ିକରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସେଠାରେ ବାରିକେଡ୍ ଏବଂ ସୂଚନା ଫଳକ ଲଗାଇବାକୁ ବିଡିଓ ଏବଂ ପୌରପାଳିକା ଅଧିକାରୀମାନଙ୍କୁ ସତର୍କ କରାଇ ଦିଆଯାଇଛି। ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ବିଦ୍ୟୁତ, ଯୋଗାଯୋଗ ଓ ରାସ୍ତାଘାଟର ତୁରନ୍ତ ପୁନରୁଦ୍ଧାର ଏବଂ କ୍ଷୟକ୍ଷତିର ସଠିକ୍ ଆକଳନ ପାଇଁ ସ୍ୱତନ୍ତ୍ର ଦଳକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ କୃଷି, ଶକ୍ତି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ପୌରପରିଷଦ, ଜଙ୍ଗଲ, ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଦଳର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

